# SAMPLE QUESTION PAPER FOR THE SESSION 2016-17
## ANNUAL EXAMINATION
## CLASS - XII
## ODIA (113)

**Time Allowed: 3 hours** **Maximum Marks: 100**

ଏହି ପ୍ରଶ୍ନପତ୍ରରେ ଚାରିଗୋଟି ବିଭାଗ ରହିଛି ।

| | | | | |
|---|---|---|---|---|
| (କ) | ପଠନ - | Reading | - | 10 Marks |
| (ଖ) | ଲିଖନ - | Writing | - | 20 Marks |
| (ଗ) | ବ୍ୟାକରଣ- | Grammar | - | 20 Marks |
| (ଘ) | ସାହିତ୍ୟ- | Literature | - | 50 Marks |

ନିର୍ଦ୍ଦେଶାନୁଯାୟୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

## 'କ' ବିଭାଗ

1. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପାଠକରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । 5x2=10

ଶ୍ରୀ ଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ । ଶ୍ରୀ ଜୀଉଙ୍କର ଚନ୍ଦନ ଯାତ୍ରା ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ପବିତ୍ର ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଅକ୍ଷୟ ତୃତୀୟା ଏକ ବଡପର୍ବ । ଏହିଦିନ ଅନେକ ଶୁଭକାର୍ଯ୍ୟ କରାଯାଇଥାଏ । କୃଷିଭିତ୍ତିକ ପର୍ବରୂପେ ମୁଖ୍ୟତଃ ଅକ୍ଷୟ ତୃତୀୟାକୁ ପାଳନ କରାଯାଉଥିବା ବେଳେ ଘର ପ୍ରତିଷ୍ଠା, ନୂଆ ଦୋକାନର ଶୁଭାରମ୍ଭ, ଖଡ଼ିଛୁଆଁ ଓ ଏହି ଦିନ ରଥ ଅନୁକୂଳ ମଧ କରାଯାଇଥାଏ । ମଦନମୋହନଙ୍କୁ ଚନ୍ଦନ ମଣ୍ଡପରେ ପ୍ରତ୍ୟହ ଭିନ୍ନ ଭିନ୍ନ ବେଶରେ ସୁସଜ୍ଜିତ କରାଯାଇଥାଏ । ଚନ୍ଦନ ଯାତ୍ରା ହେଉଛି ବଡ଼ଠାକୁରଙ୍କର ସବୁଠାରୁ ଦୀର୍ଘକାଳୀନ ଯାତ୍ରା । ୪୨ଦିନ ମଧ୍ୟରୁ ବାହାର ଚନ୍ଦନ ୨୧ଦିନ ଓ ଭିତର ଚନ୍ଦନ ୨୧ଦିନ ପାଳିତ ହୋଇଥାଏ । ଅକ୍ଷୟ ତୃତୀୟାଠାରୁ ପ୍ରଥମ ୨୧ଦିନ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମ, କୃଷ୍ଣ, ଶ୍ରୀ ଦେବୀ (ଲକ୍ଷ୍ମୀ), ଭୂଦେବୀ (ସରସ୍ୱତୀ) ଏବଂ ପଞ୍ଚ ମହାଦେବ ଶ୍ରୀ ଲୋକନାଥ, ଶ୍ରୀ କପାଳମୋଚନ, ଶ୍ରୀ ମାର୍କଣ୍ଡେୟ, ଶ୍ରୀ ନୀଳକଣ୍ଠ, ଶ୍ରୀ ଜମ୍ବେଶ୍ୱର ନିଜସ୍ୱ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ନୌବିହାର ନିମନ୍ତେ ଯାତ୍ରା କରିବାକୁ 'ବାହାର ଚନ୍ଦନ' କୁହାଯାଏ । ପରବର୍ତ୍ତୀ ୨୧ଦିନ କିନ୍ତୁ ଠାକୁର ବାହାରକୁ ବିଜେ କରନଥାନ୍ତି । ଶ୍ରୀ ମନ୍ଦିରରେ ଚନ୍ଦନଲାଗି, ଆଳଟଲାଗି, ବେଶ, ଜଳକ୍ରୀଡ଼ା, ଭୋଗ ଆଦି ସମସ୍ତ ବିଧି ବିଧାନକୁ 'ଭିତର ଚନ୍ଦନ' କୁହାଯାଏ । ମହାପ୍ରଭୁ ଚନ୍ଦନଲାଗି ହେବା ସହ ସୁଶୀତଳ ସୁବାସିତ ଜଳରେ ସ୍ନାନ କରିଥାନ୍ତି ।

**ପ୍ରଶ୍ନାବଳୀ:**

(କ) ଶ୍ରୀ ଜଗନ୍ନାଥଙ୍କର ଚନ୍ଦନ ଯାତ୍ରା କେତେଦିନ ଧରି ଅନୁଷ୍ଠିତ ହୋଇଥାଏ ?

(ଖ) ଅକ୍ଷୟ ତୃତୀୟା ଦିନ କେଉଁ କେଉଁ ଶୁଭକର୍ମ କରାଯାଇଥାଏ ?

(ଗ) ଚନ୍ଦନ ଯାତ୍ରାକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ ସେଗୁଡ଼ିକ କ'ଣ ?

(ଘ) କେଉଁମାନଙ୍କୁ ପଞ୍ଚମହାଦେବ କୁହାଯାଏ ?

(ଙ) ଚନ୍ଦନ ଯାତ୍ରା କେଉଁ ଦିନରୁ ଆରମ୍ଭ ହୋଇ କେଉଁ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ ?

## 'ଖ' ବିଭାଗ

2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । (୨୫୦ ରୁ ୩୦୦ ଶବ୍ଦ ମଧ୍ୟରେ) 12

ନାରୀ ସୁରକ୍ଷା ଓ ଆଜିର ସମାଜ, ଶିକ୍ଷା ଓ ଆତ୍ମନିଯୁକ୍ତି, ଛାତ୍ର ଓ ରାଜନୀତି

3. ତୁମ ଅଞ୍ଚଳରେ ଡେଙ୍ଗୁ ଜ୍ୱରର ପ୍ରତିଷେଧକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦରଖାସ୍ତ ଲେଖ ।

**କିମ୍ବା**

ତୁମ ଅଞ୍ଚଳରେ ମଧାହ୍ନ ଭୋଜନର ଅବ୍ୟବସ୍ଥା ସଂପର୍କରେ ସୂଚନା ଦେଇ ସ୍କୁଲ ସମୂହର ନିରୀକ୍ଷକ ମହୋଦୟଙ୍କୁ ଏକ ଦରଖାସ୍ତ ଲେଖ । 8

## 'ଗ' ବିଭାଗ

4. (କ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୫ଟିର) 5x1=5

ଯୁକ୍ତ, ଦୋଷୀ, ପ୍ରାକୃତିକ, ଆଶୀର୍ବାଦ, ଆମିଷ, ଆହାର, ଅଭିନ୍ନ ।

(ଖ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (୫ ଯୋଡ଼ାର ) 5x1=5

ଉନ୍ନତ-ଉନ୍ମତ୍ତ, ଚିର-ଚୀର, ନିତି-ନୀତି, ପାବନି-ପାବନୀ, ପିତା-ପିତା, ପୁତ-ପୂତ, ବନ୍ଦନ-ବନ୍ଧନ ।

5. (କ) ଏକପଦରେ ପରିଣତ କର । (୫ଟିର) 5x1=5

(i) ଜାତ ହୋଇନାହିଁ ଶତ୍ରୁ ଯାହାର -

(ii) ଉତ୍କଳରେ ଜାତ ଯେ -

(iii) ଜୀବନ ଥିବା ପର୍ଯ୍ୟନ୍ତ -

(iv) ଅଦିତିଙ୍କର ପୁତ୍ର -

(v) ଅନ୍ୟଆଡେ ମନ ଯାହାର -

(vi) ଯାହାର ବେଦରେ ଜ୍ଞାନ ଅଛି -

(vii) ଯେ ସୃଷ୍ଟି କରନ୍ତି -

(ଖ) ଭ୍ରମ ସଂଶୋଧନ କର । (୫ଟିର) 5x1=5

ନିରପରାଧୀ, ଅଧର୍ଯ୍ୟ, ମହତ୍ୱ, ଉତ୍ୟକ୍ତ, ଅଭଡା, ଦିପ୍ତୀ, ଉପକାରୀତା ।

## 'ଘ' ବିଭାଗ

6. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ନିଜ ଭାଷାରେ ଲେଖ । 10

(କ) କ୍ଷମା ଦ୍ୱାରା ମନୁଷ୍ୟଠାରେ ଦେବତ୍ୱ କିପରି ସୃଷ୍ଟି ହୋଇଥାଏ, ବର୍ଣ୍ଣନା କର ।

(ଖ) ଭୁଲ୍ ନଥିଲେ ଠିକ୍‌ର ସଂଜ୍ଞା ଅନୁଭବ କରିହୁଏ ନାହିଁ - ପଠିତ ପ୍ରବନ୍ଧ ଅନୁସରଣରେ ଏହାର ସତ୍ୟାସତ୍ୟ ଆଲୋଚ଼ନା କର ।

7. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିଏ) 6

(କ) ପିଣ୍ଡରୁ ପ୍ରାଣ କାଢିନେବା ଯାହା, ଜାତିରୁ ମାତୃଭାଷାକୁ ବିଦୂରିତ କରିବା ତାହା ।

(ଖ) ଦେଖାଯାଉଛି, ପୁରୁଣା ସଂସ୍କୃତି ଯେତିକି ମରିମରି ଯାଉଛି, ଅନାଚ଼ାର ପାଇଁ ସେତିକି ବାଟ ଫିଟି ଯାଉଛି ।

8. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । 8

(କ) 'ତ୍ୟାଗରେ ହିଁ ଥାଏ ଜୀବନର ସାର୍ଥକତା' - 'ପଠିତ ଧର୍ମପଦର ଆତ୍ମଲିପି' କବିତା ଅବଲମ୍ବନରେ ଆଲୋଚ଼ନା କର ।

(ଖ) ଗ୍ରାମୀଣ ଜୀବନର ନିଖୁଣ ଚିତ୍ର 'ଗ୍ରାମ ଶ୍ମଶାନ' କବିତାରେ କିପରି ପ୍ରତିଫଳିତ ହୋଇଛି -ଆଲୋଚ଼ନା କର ।

9. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିଏ) 6

(କ) ହୃଦପଛେ ଜଳେ ବିଦ୍ୟୁତ ଅନଳେ
ଜଳ ଦାନେ ଘନ ବାଧ
ସୁଖ ତେଜି ରାଜା ତୋଷିବ ପରଜା
ତେବେତ ପରମାରାଧ ।

(ଖ) ''ତୁମେ କି କରିବ ? ଜଗତେ ମଣିଷ ଚେଷ୍ଟା କରଇ ସିନା
ଫଳରେ ତାହାର ଅଧିକାର ନାହିଁ ଦୈବ ଶକତି ବିନା'' ।

10. ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ସଂକ୍ଷେପରେ ଉତ୍ତର ଦିଅ - (୫ଟିର) 5x2=10

(କ) ଚ଼ନ୍ଦ୍ରଭାଗାଙ୍କ ପାଇଁ କିଏ କେଉଁଠାରୁ ବସ୍ତ୍ରଭୂଷଣ ଆଣି ଦେଇଥିଲେ ?
(ଖ) ଅପରାଧୀର ଚ଼ରିତ୍ର ଚ଼ିରକାଳ ଲାଗି ନଷ୍ଟହୁଏ କପରି ?
(ଗ) ଦଧୀଚିଙ୍କ କଥା କାହିଁକି ଭୁବନ ବିଦିତ ହୋଇଅଛି ?
(ଘ) 'ହିମାଳୟନ୍ ବ୍ଲଣ୍ଡର' କ'ଣ ଓ ଏହାକୁ କିଏ କେଉଁ ପରିସ୍ଥିତିରେ କହିଥିଲେ ?
(ଙ) କେଉଁ ଉଦାର ନୀତି ସାଧନ କରିବାକୁ ଧର୍ମପଦ ପିତାଙ୍କୁ କହିଛି ?
(ଚ) ପ୍ରାଚ଼ୀନ ଉତ୍କଳର କେଉଁ କେଉଁ ବ୍ୟକ୍ତିମାନେ ସାହିତ୍ୟ ବନ୍ଧନରେ ଆମ ସହ ବାନ୍ଧି ହୋଇ ରହିଛନ୍ତି ?
(ଛ) 'ସ୍ଥୂଳ କଳେବର ନୁହଁଇ ଅମର' କବିତାରେ ଅଭିଷେକ ଓ ଚ଼ାମର ଢାଳିବା କର୍ମକୁ କ'ଣ ବୋଲି କବି କହିଛନ୍ତି ?

11. ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ନିଜ ଭାଷାରେ ଲେଖ । 2x5=10

(କ) 'ଏ ଜାତି ଏବେ ମଧ୍ୟ ବଞ୍ଚିଛି' - ଏ ଉକ୍ତିର ସତ୍ୟତା ଗଳ୍ପ ଅବଲମ୍ବନରେ ଆଲୋଚ଼ନା କର ।
(ଖ) 'ଦାମ' ଜୀବନରେ କିପରି ଓ କାହିଁକି କରୁଣ ପରିଣତି ଘଟିଲା - ଆଲୋଚ଼ନା କର ।
(ଗ) ରାଓଙ୍କ ସ୍ମିତହସର ଆଭିମୁଖ୍ୟ କ'ଣ ଥିଲା - ଆଲୋଚ଼ନା କର ।
(ଘ) ଦୁର୍ନୀତି କିପରି ସମାଜକୁ କଳଙ୍କିତ କରିଛି 'ଦର୍ଶନ' ଗଳ୍ପ ଅବଲମ୍ବନରେ ଆଲୋଚ଼ନା କର ।

***